# ବରଗଡ଼ରେ ମା' ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ



ବରଗଡ଼,(ସବ୍ୟୁ) : ବରଗଡ଼ ସହରରେ ନବନିର୍ମିତ ମା ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ରବିବାର ଭବ୍ୟ କଳସ ଶୋଭାଯାତ୍ରା ହୋଇଥିଲା । ଶୋଭାଯାତ୍ରାରେ ହଜାର ହଜାର ମହିଳା ଯୋଗଦେଇ ବରଗଡ଼ର ଜିରା ନଦୀ କୂଳକୁ ପହଁଚି ତ୍ରିବେଣୀ ସଙ୍ଗମରୁ ଆଣାଯାଇଥିବା ଗଙ୍ଗାଜଳ କଳସ ବୋହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରାଜ୍ୟ ଓ ରାଜ୍ୟ ବାହାରରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳ ଦୁଲଦୁଲି, ଘଣ୍ଟ, ଶଂଖ ଆଦି ପାରମ୍ପରିକ ବାଦ୍ୟଯନ୍ତ୍ର ସହ ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲେ। ଶୋଭାଯାତ୍ରା ରାସ୍ତାରେ ବିଭିନ୍ନ ସଂଗଠନ ପକ୍ଷରୁ ଶୀତଳ ପାନୀୟ ଓ ସରବତ ବଣ୍ଟନ କରାଯାଇଥିଲା। ପାଞ୍ଚ ଦିନ ପର୍ଯ୍ୟନ୍ତ ହେବାକୁ ଥିବା ମନ୍ଦିର ପ୍ରତିଷ୍ଠା ଉତ୍ସବ ୨୩ ତାରିଖରେ ମା ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରବେଶ ସହ ସମାପନ ହେବ। ମନ୍ଦିର ପ୍ରତିଷ୍ଠା କମିଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ପ୍ରତିଦିନ ଅନ୍ନଭୋଗ ବ୍ୟବସ୍ଥା କରାଯାଇଛି। ଏହା ସହିତ ପ୍ରତିଦିନ ଭଜନ ସନ୍ଧ୍ୟା, କୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଦକ୍ଷିଣ ଭାରତୀୟ ଶୈଳୀରେ ନିର୍ମିତ ଏହି ମନ୍ଦିର ପାଇଁ ୫ କୋଟି ଟଙ୍କାରୁ ଅଧିକ ବ୍ୟୟ ହୋଇଥିବା ସୂଚନା ମିଳିଛି। ମନ୍ଦିରରେ ଅଷ୍ଟଧାତୁରେ ନିର୍ମିତ ମା ମହାଲକ୍ଷ୍ମୀଙ୍କ ବିଗ୍ରହ ପୂଜା ପାଇବ। ଏହି ଉତ୍ସବ ଅବସରରେ ଆଖପାଖ ଅଞ୍ଚଳରୁ ଲକ୍ଷାଧିକ ଭକ୍ତମାନେ ଆସିବାର ସମ୍ଭାବନା ଥିବାରୁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମଧ ନାଗାବଳୀରୁ ହଟୁନାହିଁ ଆଡିବନ୍ଧ



ରାୟଗଡା.(ସବ୍ୟୁ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମଧ ଜେକେ କାଗଜକଳ ନାଗାବଳୀରୁ ହଟାଉ ନାହିଁ ଆଡିବନ୍ଧ । କ୍ଷମତାପୂର୍ଣ୍ଣ କର୍ପରେଟର ମାନେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବି ମାନୁନାହାନ୍ତି। ଏହା ରାଜ୍ୟପାଇଁ ଶୁଭଙ୍କର ନୁହେଁ। ଚାଷୀଙ୍କ ହିତ ଦୃଷ୍ଟିରୁ ବେଆଇନ ରୂପେ ନାଗାବଳୀ ନଦୀରେ ବାନ୍ଧିଥିବା ଆଡିବନ୍ଧକୁ ହଟାଇବା ପାଇଁ ଜେକେ କାଗଜକଳକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପରିତାପର ବିଷୟ ଯେ ଗୋଟିଏ ବର୍ଷ ପରେ ବି ନଦୀ ଗର୍ଭରୁ ଆଡିବନ୍ଧ ହଟିଲାନାହିଁ । ଲିଖିତ ରୂପେ କହିଛନ୍ତି ଯେ ଜେକେ କାଗଜକଳକୁ ଏହି ଆଡିବନ୍ଧ ନିର୍ମାଣ ପାଇଁ କୌଣସି ଅନୁମତି ଦିଆଯାଇନାହିଁ । ତେଣୁ ଏହାକୁ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ବିଧାନସଭାରେ ମତ ରଖିଥିଲେ । କିନ୍ତୁ ବିଡମ୍ବନାର ନିର୍ଦ୍ଦେଶ ଆସିବାର ଗୋଟିଏ ବର୍ଷ ବିତିଯାଇଥିଲେ ମଧ ଜେକେ କାଗଜକଳ ଏହାକୁ ପାଳନ କରିନାହିଁ। ଏବେବି ନଦୀ ଗର୍ଭରେ ବିଶାଳକାୟ ବନ୍ଧ ନଦୀର ପାଣିକୁ ଅଟକାଇ ଧରିଛି । ଆଉ ନଦୀର ଦିଗକୁ ପରିବର୍ତ୍ତନ କରି ଲକ୍ଷ ଲକ୍ଷ କ୍ୟୁସେକ ପାଣି କାରଖାନା ଶୋଷି ନେଉଛି। ନିର୍ଦ୍ଦେଶକୁ ମାନି ଜେକେ କାଗଜକଳ ବନ୍ଧକୁ ବାହାର କରିନାହିଁ କି ପ୍ରଶାସନ ବି ମୁଖ୍ୟମନ୍ତ୍ରୀଙ୍କ କଥାକୁ ରକ୍ଷା କରି ଆଡିବନ୍ଧକୁ ହଟାଇନାହିଁ । ନାଗାବଳୀ ନଦୀ ଗର୍ଭରେ ଜେକେ କାଗଜକଳର ଆଡିବନ୍ଧ । ଦଶନ୍ଧି ଦଶନ୍ଧି ଧରି ଏହି ବେଆଇନ କାର୍ଯ୍ୟ କରିଚାଲିଛି ଏହି କାରଖାନା । ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ନଦୀ ଭିତରେ ବାନ୍ଧି ରଖିଛି ଗୋଟିଏ ବିରାଟକାୟ ବନ୍ଧ । ସ୍ୱତନ୍ତ୍ର ରୂପେ ପ୍ରସ୍ତୁତ ଅଖାରେ ବାଲି ଭର୍ତ୍ତି କରି ନଦୀର ଗତିପଥକୁ ବଦଳାଇ ଦେଇଛି ଏହି କାରଖାନା। ନଦୀ କୂଳରେ ଉଚ୍ଚ କ୍ଷମତା ସମ୍ପନ୍ନ ବଡବଡ ମଟର ଖଞ୍ଜି ଶୋଷି ନେଉଛି ପାଣି । ପାଣିତକ ଟାଣି ନେଉଥିବା ବେଳେ ଖରାଦିନେ ତଳ ମୁଣ୍ଡର ଲୋକେ ଜଳକା ସାଜିଛନ୍ତି। ବର୍ଷବର୍ଷ ଧରି ଏହି ବେଆଇନ କାର୍ଯ୍ୟ କାରଖାନା କରିଚାଲିଛି।

ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ନାଗାବଳୀ ନଦୀରେ ଜେକେ କାଗଜକଳର ଏହି ବେଆଇନ କାର୍ଯ୍ୟ ସମ୍ପର୍କରେ ବିଧାନସଭାରେ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲାସ୍ୱାମୀ ପ୍ରଶ୍ନ ରଖିଥିଲେ । ୨୦୨୫ ମସିହା ମାର୍ଚ୍ଚ ୧୩ତାରିଖରେ ଏହାର ଉତ୍ତର ରଖିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ଖରାଦିନେ ଜଳାଭାବ ଯୋଗୁଁ ଜେକେ କାଗଜକଳ ବାଲିବସ୍ତା ଦ୍ୱାରା ଆଂଶିକ ଆଡିବନ୍ଧ ନିର୍ମାଣ କରିଛି ବୋଲି ସ୍ୱୀକାର କରିଥିଲେ। ଏହି ବନ୍ଧ ନିର୍ମାଣ ପାଇଁ ସରକାରଙ୍କ ତରଫରୁ କୌଣସି ଅନୁମତି ଦିଆଯାଇନାହିଁ। ନଦୀ ଗର୍ଭରୁ ଏହାକୁ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯଇଛି ବୋଲି ବିଧାୟକଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇଥିଲେ । କିନ୍ତୁ ବିଡମ୍ବନାର କଥା ଯେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବାର ଗୋଟିଏ ବର୍ଷ ବିତିଯାଇଥିଲେ ବି ନିର୍ଦ୍ଦେଶ କାଣିଚିଏ ମଧ ପାଳନ କରାଯାଇନାହିଁ । ବର୍ଷ ତମାମ ଏହି ବନ୍ଧ ନଦୀ ଭିତରେ ବନ୍ଧା ହୋଇ ରହିଛି । ବର୍ଷା ଦିନରେ ପାଣି ଭିତରେ ବୁଡି ଯାଉଛି । ବର୍ଷା କମିବା ପରେ ନଭେମ୍ବର ମାସରେ କାରଖାନା କର୍ତ୍ତୃପକ୍ଷ ବସ୍ତାରେ ବାଲି ଭର୍ତ୍ତି କରି ପୁଣି ବନ୍ଧକୁ ମରାମତି କରିଦେଉଛନ୍ତି। ସବୁଠାରୁ ପରିତାପର ବିଷୟ ଏହି ବଡବଡ ବସ୍ତା ଭିତରେ ଏତେ ପରିମାଣରେ ବାଲି ନଦୀ ଗର୍ଭରୁ ଖୋଳି ଭର୍ତ୍ତୀ କରାଯାଉଥିବା ବେଳେ ଦୁଇ ବର୍ଷ ତଳେ କୂଳରେ ରହୁଥିବା ଦୁଇଜଣ ଛୋଟ ଝିଅ ପାଣିରେ ବୁଡି ମୃତ୍ୟୁ ବରଣ କରିଥିଲେ । କିନ୍ତୁ ଏଥିପ୍ରତି କାହାର ନିଘା ନାହିଁ । ଏନେଇ ବିଧାୟକ କହିଛନ୍ତି ବାରମ୍ବାର ଜିଲ୍ଲା ପ୍ରଶାସନ, ଜଳ ସମ୍ପଦ ବିଭାଗକୁ ଚିଠି ଲେଖିବା ପରେ ମଧ କାର୍ଯ୍ୟକାରୀ ହେଉନାହିଁ। ଏନେଇ ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୁବ୍ରତ ନାରାୟଣ କଷ୍ୟପଙ୍କୁ ପଚାରିବାରୁ ବେଆଇନ ଭାବେ ଆଡିବନ୍ଧ ହୋଇଛି । ଜିଲ୍ଲାପାଳ ଆମକୁ ପୋଲିସ ଫୋର୍ସ ଏବଂ ମାଜିଷ୍ଟ୍ରେଟ ଦିଆଗଲେ ଆଡିବନ୍ଧ ହଟେଇ ଦେବି ବୋଲି କହିଥିଲି କିନ୍ତୁ ପୂର୍ବତନ ଜିଲ୍ଲାପାଳ କୌଣସି ଉତ୍ତର ଦେଲେ ନାହିଁ ।

# ଗ୍ରୀଷ୍ମପ୍ରବାହରୁ ସ୍କୁଲ ଛୁଟି ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଚିଠି

କୁଚିଣ୍ଡା,(ସବ୍ୟୁ): ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ ଦୁଇ ଦିନ ପାଇଁ ଛୁଟି ନିମନ୍ତେ ସମସ୍ତ ପ୍ରଧାନ ଶିକ୍ଷକ , ଶିକ୍ଷୟିତ୍ରୀ, ବ୍ଲକ୍ ଶିକ୍ଷା ଅଧିକାରୀ ମାନଙ୍କୁ ଚିଠି କରିଥିବା ଜଣାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଫିସ ଚିଠି ନଂ ୩୦୫୪ ପିଇ/ ଡିଟି, ୧୮ରେ ତା ୨୦, ୫୪, ୨୦୨୬, ଠାରୁ ତା ୨୨, ୫୪, ୨୦୨୬ ପର୍ଯ୍ୟନ୍ତ ସ୍କୁଲ ଛୁଟି ନିମନ୍ତେ ସମସ୍ତ ସ୍କୁଲ ପ୍ରଧାନ ଶିକ୍ଷକ ଏବଂ ବ୍ଲକ୍ ଶିକ୍ଷା ଅଧିକାରୀ ମାନଙ୍କୁ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି .। ଏହି ଚିଠିର ଅବିକଳ ନକଲ ରିଲିଫ୍ କମିନାର ସ୍କୁଲ ଏବଂ ମାସ ଏଜୁକେଶନ ବିଭାଗ ସଚିବ ଭୁବନେଶ୍ୱର , ଜିଲ୍ଲାପାଳ ସମ୍ବଲପୁର, ଙ୍କୁ ଅବଗତ କରିଥିବା ଉଲ୍ଲେଖ ରହିଛି । ପରବର୍ତ୍ତି ନିଷ୍ପତି ପରେ ପୁଣି ଜଣାଇଁବେ ବୋଲି ଏହି ସୂତ୍ରରୁ ସୂଚନା ମିଳିଛି । ପାଣିପାଗ ସୂଚନା ମତେ , ବର୍ତ୍ତମାନ ପଶ୍ଚିମ ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ତାପମାତ୍ରା ୪୫ ଡିଗ୍ରୀ ପହଁଚି ଥିବାରୁ ନିଆଁ ଜଳିବା ସଦସ୍ୟ ପ୍ରତିୟମାନ ହେଉଛି। ସକାଳ ୯ ଘଣ୍ଟା ଠାରୁ ଅପରାହ୍ନ ୫ ଘଣ୍ଟା ମଧ୍ୟରେ ଅସହ୍ୟ ତାତିରେ ଜନ ଜୀବନ ଅସହ୍ୟ ହୋଇପଡିଛି। ତେଣୁ ସମସ୍ତ ପ୍ରକାର ସିଟି କୁ ନେଇ ଉକ୍ତ ଛୁଟି ଘୋଷଣା କରାଯାଇଛି । ସ୍ଥିତି ଭୟଙ୍କର ହେଲେ ପରବର୍ତ୍ତି କଥା ବିଚାର କରାଯିବ ।

# ଷଣ୍ଢପଥର ଏସ୍‌ପିଏଲ କ୍ରିକେଟ : ରେଡ୍ ଆର୍ମି ବିଜୟୀ



ଜମନକିରା,(ସବ୍ୟୁ): ଜମନକିରା ବ୍ଲକ୍ ବଡରମା ପଞ୍ଚାୟତ ଷଣ୍ଢପଥର ଖେଳ ପଡ଼ିଆରେ ରବିବାର ଏସପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛି। ଗତ ୧୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ରବିବାର ୯ମ ଦିନରେ ପହଞ୍ଚିଥିବା ବେଳେ ଅପରାହ୍ନ ସାଢ଼େ ୬ଟା ସମୟରେ ଖେଳ ସମାପ୍ତ ହୋଇ ଯାଇଛି। ଏଥିରେ ରେଡ୍ ଆର୍ମି ବିଜେତା ଘୋଷଣା ହୋଇଥିବା ବେଳେ ଉପ - ବିଜେତା ଭାବେ ଫାଇଟର ଇଲେଭେନ ଘୋଷଣା ହୋଇଥିଲା। ବିଜେତା ଦଳ ୧୦ ଓଭରରେ ୮ ୱିକେଟ୍ ହରାଇ ୧୩୦ ରନ୍ ହାସଲ କରିଥିବା ବେଳେ ଉପ - ବିଜେତା ଦଳ ସମସ୍ତ ୱିକେଟ୍ ହରାଇ ୭୪ ରନ୍ କରି ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସର୍ବ ମୋଟ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବ ଏବଂ ଉଦଘାଟନୀ କ୍ରୀଡ଼ା ଉଭୟ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ପ୍ରସାଦ ଦାନୀ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ୱାର୍ଡ ସଭ୍ୟ ତନ୍ମୟ ପ୍ରଧାନ, ଦେବେନ୍ଦ୍ର କାଉ ଏବଂ ମହିନ୍ଦ୍ର ପଧାନ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପ - ବିଜେତା ଦଳଙ୍କୁ ଟ୍ରଫି, ମାନପତ୍ର ସହ ନଗଦ ୧୦ ହଜାର ଟଙ୍କା ଏବଂ ଉପ -ବିଜେତା ଦଳଙ୍କୁ ୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ଯୁଗଳ ସିଂ ଓ ସଞ୍ଜୟ ଭୋଇ ଖେଳ ପରିଚାଳନା କରିଥିଲେ। ଖେଳରେ ବେଷ୍ଟ ଅଫ ଦ ୱିକେଟ୍ ଟେକର ନିର୍ମଳ ସାହୁ ହୋଇଥିବା ବେଳେ ବେଷ୍ଟ ବ୍ୟାଟସ ମ୍ୟାନ୍ ସଞ୍ଜୟ ଭୋଇ( ସୁରୁ) ପୁରସ୍କୃତ ହୋଇଥିଲେ। ଖେଳର ଧାରା ବିବରଣୀ ଦାନିସ, କମଲ ଓ ନିର୍ମଳ ପ୍ରମୁଖ ପ୍ରଦାନ କରିଥିଲେ। ଷଣ୍ଢପଥର ୟୁଥ୍ କ୍ଲବ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ରେ ସଭାପତି ମହମ୍ମଦ ଦାନିଶ ଖାନ୍, ପ୍ରଦୀପ ପଧାନ, କମଲ ମେହେର ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଘୁଲୁଘୁଲାପଦରରେ ୧୫ ଦିନ ହେଲା ନଳକୂପ ଅଚଳ

କଣ୍ଟାମାଳ, (ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଘୁଲୁଘୁଲାପଦର ଗାଁରେ ଥିବା ଏକମାତ୍ର ନଳକୂପ ୧୫ରୁ ଅଧିକ ଦିନ ହେଲା ଅଚଳ ହୋଇଯାଇଛି। ଗାଁରେ ୨ ହଜାର ଲୋକ ବସବାସ କରୁଥିବାବେଳେ ସେମାନେ ପାଣିପାଇଁ ଏହି ନଳକୂପ ଉପରେ ନିର୍ଭରଶୀଳ ମାତ୍ର ପାଇପ ଫାଟି ଯାଇଥିବାରୁ ସେଥିରେ ପାଣି ଆସୁନାହିଁ । ଯଦ୍ୱାରା ପାଣି ପାଇଁ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଚଳ ନଳକୂଅ ମରାମତି ପାଇଁ ସ୍ଥାନୀୟ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି କଲେ ବି କୌଣସି ସମାଧାନ ହୋଇପାରୁ ନଥିବା ସେମାନେ କହିଛନ୍ତି। ବର୍ତ୍ତମାନ ପ୍ରଚଣ୍ଡ ଖରାରେ ଜଳକଷ୍ଟ ଦେଖା ଦେଇଥିବା ବେଳେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ ବୋଲି ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ନଳକୂଅ ମରାମତି ସହ ଆଉ ଏକ ନଳକୂଅ ଖନନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସିବିଏସଇ ମାଟ୍ରିକ ପରୀକ୍ଷା ସୁନାମ ଆଣିଲେ କୁମାର ଅଭିନବ

ତରଭା,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ସରଗଜ ଗ୍ରାମର କୁମାର ଅଭିନବ ମିଶ୍ର ସିବିଏସଇ ମ୍ୟାଟ୍ରିକ ପରୀକ୍ଷାରେ ୫୦୦ ରୁ ୪୯୮ ମାର୍କ ଆଣି ନିଜର ବିଦ୍ୟାଳୟ ସହ ଜିଲ୍ଲା ପାଇଁ ସୁନାମ ଆଣିଦେଇଛନ୍ତି। ସରଗଜର ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କ ପୁଅ କୁମାର ଅଭିନବ ବଲାଙ୍ଗିର କେନ୍ଦ୍ରୀୟ ବିଦ୍ୟାଳୟ-୨ ରେ ଅଧ୍ୟୟନ କରୁଥିଲେ। ପ୍ରଶାନ୍ତ ସପରିବାର ବଲାଙ୍ଗୀର ହାତୀଶାଳ ପଡାରେ ରହୁଛନ୍ତି। ମାତା ଜ୍ୟୋତ୍ସ୍ନାରାଣୀ ବଲାଙ୍ଗିର ଠିକାଦାର ପଡା ୟୁପି ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ପୁଅର ପାଠପଢା ପାଇଁ ବଲାଙ୍ଗିରରେ ରହୁଥିବା ପ୍ରଶାନ୍ତ କହିଛନ୍ତି। କୁମାର ଅଭିନବଙ୍କ ସଫଳତା ବିଷୟରେ ପ୍ରଚାର ହେବା ପରେ ସମଗ୍ର ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି ।

# ତାଳଚେର-ବିମଳାଗଡ ରେଳପଥ ପ୍ରକଳ୍ପ ଆଉ ୩ ବର୍ଷ ଲାଗିବ!

ବଣାଇ,(ସବ୍ୟୁ): ଅନୁଗୁଳ ପଟୁ ନିର୍ମାଣ ପ୍ରକ୍ରିୟା ବେଗ ଧରିଥିବା ବେଳେ ସୁନ୍ଦରଗଡ ଓ ଦେବଗଡ ଜିଲ୍ଲାରେ ସ୍ଥିତି ଠିକ୍ ଓଲଟାଛ ଜିଲ୍ଲାର ମହୁଲଡିହା – ବିମଳାଗଡ (୩୨.୨ କି.ମି.) ରେଳପଥପାଇଁ ୪୧୧.୭୪ କୋଟିରେ ନିର୍ମାଣ ଚାଲିଛି। କିନ୍ତୁ ପ୍ରକଳ୍ପର ସାଂପ୍ରତିକ ସ୍ଥିତି ଦେଖିଲେ ଏହା ଶେଷ ହେବାକୁ ଆହୁରି ୩ବର୍ଷ ଲାଗିବ। ଅର୍ଥାତ ୨୦୨୭ ସୁଦ୍ଧା ନିର୍ମାଣ ଶେଷ କରିବାର ଯେଉଁ ଅବଧି ଦିଆଯାଇଥିଲା ତାହା ପୁଣିଥରେ ପରିବର୍ତ୍ତନ ହେବ। ଏହି ତାଳଚେର-ବିମଳାଗଡ ରେଳପଥ ପ୍ରକଳ୍ପ କାର୍ଯ୍ୟରେ ତ୍ୱରାନ୍ୱିତ କରିବାପାଇଁ ସୁନ୍ଦରଗଡ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ, ଓଡିଶା, କେନ୍ଦ୍ର ରେଳମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଦୃଷ୍ଟି ଦେବାକୁ ଜନସାଧରଣଙ୍କର ଦବି ହେଉଛି।

# ସିନାପାଲି ଶିକ୍ଷା ବିଭାଗ ପକ୍ଷରୁ ରକ୍ତଦାନ ଶିବିର



ସିନାପାଲି ,(ସବ୍ୟୁ): ନୂଆପଡା ଜିଲ୍ଲା ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗ ତରଫରୁ ରବିବାର ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଶିବିରରେ ସିନାପାଲି ବ୍ଲକ ଅନ୍ତର୍ଗତ ୧୬ଟି କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ ରକ୍ତଦାତା ସମୁଦାୟ ୭୫ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ବିଇଓ ଯତୀନ୍ଦ୍ର କୁମାର ସେଠଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ମୁଖ୍ୟଅତିଥି ଭାବରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଡ଼ିଓ କର୍ମୀ ଓରାମ, ମେଡିକାଲ ଅଫିସର ଶ୍ରୀମାନ ସାହୁ, ଡାକ୍ତର ନୈମିଶ ସା, ଏବିଇଓ ପ୍ରଦୀପ ପଣ୍ଡା, ଓଷ୍ଟାର ଜିଲ୍ଲା ସମ୍ପାଦକ ରିନ୍ଦ୍ରନାଥ ଯୋଷୀ, ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରି ପ୍ରମୁଖ ଉପସ୍ଥିତ ଥିଲେ । ବିଭାଗ ତରଫରୁ ଆଗାମୀ ଦିନରେ ଶିକ୍ଷା, ସାହିତ୍ୟ, ସେବା ଆଦି କ୍ଷେତ୍ରରେ ଏଭଳି ଆୟୋଜନ ସବୁ ଜାରି ରହିବ ବୋଲି କୁହାଯାଇଛି । ରକ୍ତ ସଂଗ୍ରହରେ ଜିଲ୍ଲା ମେଡିକାଲରୁ ଆସିଥିବା କିରଣ ସିଂ ଧରୁଆ, ଘନଶ୍ୟାମ ପଧାନ, ଲିଙ୍ଗେଶ୍ୱର ଦାସ, ହେତୁରାମ ହଂସ, ଜୟନ୍ତ ସାହୁ, ମୋତି ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ ।

## ପ୍ରତି ବଜେଟରେ ଅର୍ଥ ମଞ୍ଜୁର, ତଥାପି ଶିଥିଳ

# ପ୍ରଧାନମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି

ବଣାଇଁ ,(ସବ୍ୟୁ): ୨୦୦୩-୦୪ ଆର୍ଥିକ ବର୍ଷରେ ଅନୁମୋଦିତ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବଜେଟରେ ବହୁପ୍ରତିକ୍ଷୀତ ତାଳଚେର-ବିମିଳାଗଡ ରେଳପଥ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହେଉଛି। କିନ୍ତୁ ଓଡିଶାର ଏକ ଗୁରୁତ୍ୱପୂର୍ଣ୍ଣ ୧୪୯.୭୮ କିଲୋମିଟର ବିଶିଷ୍ଟ ରେଳପଥ ପ୍ରକଳ୍ପର ଭାଗ୍ୟ ଫିଟି ପାରୁନି। ଆଉ ଏହାର ମୁଖ୍ୟ କାରଣ ହେଉଛି ଜିଲ୍ଲା ପ୍ରଶାସନର ଅବହେଳା। ବିମିଳାଗଡ ପଟୁ ବିଭିନ୍ନ ପ୍ୟାଚରେ ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇଛି ସତ, କିନ୍ତୁ ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପନ୍ନ ହୋଇନଥିବାରୁ ଏହାର ବେଗ ଧରିପାରୁନି। ୨୦୦୩-୦୪ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ପ୍ରାରମ୍ଭରେ ଅର୍ଥାତ ୨୦୦୭-୦୮ରେ ପ୍ରକଳ୍ପର ବ୍ୟୟ ଅଟକଳ ୮୧୦.୭୮ କୋଟି ଆକଳନ କରାଯାଇଥିଲା। ମାତ୍ର ମାତ୍ରାଧିକ ବିଳମ୍ବଯୋଗୁଁ ୨୦୧୬ରେ ସଂଶୋଧିତ ମୂଲ୍ୟ ୧,୯୨୮.୦୭ କୋଟିକୁ ବୃଦ୍ଧି ପାଇଥିଲା। ତେବେ ଯେଉଁ ଜମି ଅଧି ଗ୍ରହଣ ପ୍ରକ୍ରିୟା ଯୋଗୁ ପ୍ରକଳ୍ପ ଆଗେଇପାରୁନି, ଏବେ ବି ତାହା ବଳବତ୍ତର ରହିଛି। ଏଣୁ ଏହି ପ୍ରକଳ୍ପର ମୂଲ୍ୟ ୦୩ ହଜାର କୋଟି ଟଙ୍କା ଟପିବ। ଆକଳନ କରାଯାଉଛି। କେନ୍ଦୁଡିହି ଓ ଅନ୍ୟ ଦୁଇଟି ଗ୍ରାମରେ ଯଥାକ୍ରମେ ୨୭.୬୧ ଏକର ଓ ୭.୦୫ ଏକର ଜମି ଅଧିଗ୍ରହଣ ହୋଇସାରିଥିଲେ ମଧ ଜମି ଖାଲି ହୋଇପାରୁନି। ଫଳରେ ୦୩ କିମି ବିଶିଷ୍ଟ କୁର୍ଡା-କଲେଇପୋଷ ରେଳପଥ ନିର୍ମାଣ ବାଧାପ୍ରାପ୍ତ। ଏତଦ୍ ବ୍ୟତିତ କଣ୍ଟାକୁଦର, ଗଡପାଲି, ଧୁଡି, କେନ୍ଦ୍ରାପୋଷ, ନିର୍ଶ୍ଚିନ୍ତପୁର, କଲେଇପୋଷ, ଡମଣାଧର ଆଦି ଗାଁର ୬୩.୮୬ ଏକର ଜମି ଅଧିଗ୍ରହଣ ହୋଇସାରିଥିଲେ ମଧ ସ୍ଥାନୀୟ ଜମିହରା ନିର୍ମାଣ କାର୍ଯ୍ୟକୁ ବିରୋଧ କରୁଛନ୍ତି। ଯଦ୍ୱାରା ୬.୯୭ କି.ମି. ବିଶିଷ୍ଟ ରେଳପଥ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ବିଡମ୍ବନା ଏହାଯେ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ରେଳବାଇ ପକ୍ଷରୁ ଏକାଧିକ ବାର ସୁନ୍ଦରଗଡ ଜିଲ୍ଲା ପ୍ରସାଶନକୁ ନିବେଦନ କରାଯାଇଥିଲା। ଗତ ଜାନୁଆରି ୨୪ ତାରିଖରେ ରେଲବଇର ଉପମୁଖ୍ୟ ଯନ୍ତ୍ରୀ ଚିଠି ଲେଖି ଅଧିଗ୍ରହଣ ପ୍ରକ୍ରିୟାକୁ ବ୍ୟାପକ କରିବା ସହ ସ୍ଥାନୀୟ ଅଞ୍ଚଳରେ ସୃଷ୍ଟି ହୋଇଥିବା ବିରୋଧାଭାସକୁ ଦୂର କରିବାକୁ ନିବେଦନ କରିଥିଲେ।

# ଶିକ୍ଷାନୁଷ୍ଠାନଙ୍କ ପୁନରୁଦ୍ଧାର ଜରୁରୀ

ଜୟପାଟଣା,(**ପ୍ରାଣ ରଞ୍ଜନ ବେହେରା**): ସରକାର ଶିକ୍ଷା ପ୍ରତି କେତେ ସମ୍ବେଦନଶୀଳ, ତାହାର ଏକ ନମୁନା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଜୟପାଟଣାରେ । ଶିକ୍ଷା ହେଉଛି ମଣିଷ ଜୀବନର ସର୍ବନିମ୍ନ ମୌଳିକ ଆବଶ୍ୟକତା। ସରକାର ଶିକ୍ଷାକୁ ସର୍ବାଗ୍ରେ ରଖି ଅଜସ୍ର ଅର୍ଥବ୍ୟୟ ବରାଦରେ ବ୍ୟାପକ ଶିକ୍ଷାନୁଷ୍ଠାନ ଗଢି ତୋଳିବାସହ ଏହାର ସୁପରିଚାଳନା ନିମନ୍ତେ ଶିକ୍ଷା ବିଭାଗୀୟ କାର୍ଯ୍ୟାଳୟ ଏବଂ ଆବଶ୍ୟକୀୟ ମତେ ଅଧିକାରୀ, କର୍ମଚାରୀ ନିଯୁକ୍ତି କରି ଆସୁଥିବାବେଳେ, କଳାହାଣ୍ଡି ଜିଲ୍ଲା -ଜୟପାଟଣା ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି ।ଜୟପାଟଣା ସହର ରେ ଗୋଟିଏ ଯୁକ୍ତ ଦୁଇ ମହାବିଦ୍ୟାଳୟ, ଗୋଟିଏ ଡିଗ୍ରୀ ମହାବିଦ୍ୟାଳୟ, ଗୋଟିଏ ବାଳକ ହାଇସ୍କୁଲ (ଉମାଶଙ୍କର ଉଚ୍ଚ ଇଂରାଜୀ ବିଦ୍ୟାଳୟ), ଗୋଟିଏ ବାଳିକା ଉଚ୍ଚ ବିଦ୍ୟାଳୟ, ଗୋଟିଏ ମଧ୍ୟଇଂରାଜୀ ବିଦ୍ୟାଳୟ ଓ ୭ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ତନ୍ମଧ୍ୟରୁ ଉମାଶଙ୍କର ଉଚ୍ଚ ବିଦ୍ୟାଳୟ ୭୫ ବର୍ଷ ସହ ହୀରକ ଜୟନ୍ତୀ ଓ ମଧ ଇଂରାଜୀ ବିଦ୍ୟାଳୟ ଶହେ ବର୍ଷ ପୂରଣ କରି ଶତବାର୍ଷିକୀ ପାଳନ କରିବାକୁ ଯାଉଛି। ଇନ୍ଦ୍ରାବତୀ ଯୁକ୍ତ ଦୁଇ ମହାବିଦ୍ୟାଳୟ ସରକାରୀ ଆନ୍ତରିକତା , ପ୍ରୋତ୍ସାହନ, ରାଜନୈତିକ ଅଭିସନ୍ଧି, ଅଦୂରଦର୍ଶୀତା ଓ ସଂକୀର୍ଣ୍ଣ ସ୍ୱାର୍ଥ ମଧ୍ୟରେ ଘଣ୍ଟା ଘଣ୍ଟି ହୋଇ ସରକାରୀ ସାହାଯ୍ୟ ପାଇ ନ ପାରି ଅଧ୍ୟାପକ ନିଯୁକ୍ତି ନ ହେବା ଯୋଗୁଁ ଅସହାୟ ଅବସ୍ଥାରେ ମୃତତ ପଡ଼ିରହିଛି। ଠିକ୍ ସେହିପରି ଉମାଶଙ୍କର ଉଚ୍ଚ ବିଦ୍ୟାଳୟ ମଧ ଉନ୍ନତ ଭିତ୍ତିଭୂମି ଥିଲେ ହେଁ ନିୟମିତ ପ୍ରଧାନ ଶିକ୍ଷକ ନ ରହିବା ଓ ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ଯୋଗୁଁ ସ୍ଥିତି ସଂକଟାପନ୍ନ ହୋଇପଡ଼ିଛି। ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ଏକମାତ୍ର ପଂଚାୟତ ବାଳିକା ଉଚ୍ଚବିଦ୍ୟାଳୟ ରେ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଅଧ୍ୟୟନ କରୁଥିଲେ ହେଁ ୧୨ ଜଣ ସ୍ୱୀକୃତି ପ୍ରାପ୍ତ ଶିକ୍ଷକ ରହିବା ବିଧି ଥିଲେ ହେଁ ମାତ୍ର ୨ ଜଣ ଶିକ୍ଷକରେ କିଭଳି ଶିକ୍ଷାଦାନ କରିଯାଉଥିବ ତାହା ସ୍ପଷ୍ଟ ଅନୁମେୟ। ୧୯୮୭ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ରେ ୭ଜଣ ଶିକ୍ଷକ ଓ ୩ ଟି ଅଧସ୍ତନ କର୍ମଚାରୀଙ୍କ ଅଭାବ ଚିନ୍ତାର ବିଷୟ ପାଲଟିଛି। ସେହିପରି ଉମାଶଙ୍କର ମଧ ଇଂରାଜୀ ବିଦ୍ୟାଳୟ ଅବସ୍ଥା ଆହୁରି ଶୋଚନୀୟ। ମୁମୂର୍ଷୁ ଜରାଜୀର୍ଣ୍ଣ ଅବସ୍ଥାରେ ଭାଙ୍ଗି ରୁଜି ଅନୁପଯୁକ୍ତ ଘୋଷିତ ଭିତ୍ତିଭୂମି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରୁପାନ୍ତରିତ ହୋଇ ସାରିଛି। ଶ୍ରେଣୀଗୃହ ଅଭାବରୁ ରୋଷେଇ ଘରେ ପାଠପଢ଼ା ହେଉଛି। ଏଭଳି ଦୂରାବସ୍ଥା ମଧ୍ୟରେ ଶିକ୍ଷା ପ୍ରେମୀ ବୁଦ୍ଧିଜୀବୀ ମାନେ ଶତବାର୍ଷିକୀ ସମାରୋହ ପାଳନ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଗଣମାଧ୍ୟମରେ ଚର୍ଚ୍ଚା ହେବାପରେ ଗତ ଦିନରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରୁ ମରାମତି ପାଇଁ ମାତ୍ର ୧୦ ଲକ୍ଷ ଅର୍ଥ ମଞ୍ଜୁର ହୋଇଥିଲେ ହେଁ କଣପାଇଁ କାର୍ଯ୍ୟାଦେଶ ମିଳିପାରିଲା ନାହିଁ ତାହା ତଦନ୍ତ ସାପେକ୍ଷ । ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ମଧ ତଥୈଚ ।



ଏହି ବ୍ଲକରେ ୧୫୨ଗୋଟି ବିଦ୍ୟାଳୟ ରେ ପ୍ରାୟ ୪୫୨ଜଣ ଶିକ୍ଷକ ପ୍ରାୟ ୧୦ ହଜାର ଛାତ୍ର ଛାତ୍ରୀଙ୍କୁ ନେଇ ଶିକ୍ଷା ଦାନ ଓ ଶିକ୍ଷା ଗ୍ରହଣ କରିଆସୁଥିବାବେଳେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଏବେ ଅଧିକାରୀ, କର୍ମଚାରୀ ବିହୀନ କାର୍ଯ୍ୟାଳୟ ସାଜିଛି। ତା ୩୧.୫.୨୦୨୫ରିଖ ଦିନ ପୂର୍ବତନ ବି. ଇ. ଓ ପ୍ରେମନାରାୟଣ ପଣ୍ଡା ଅବସର ଗ୍ରହଣ କରିବା ଦିନ ଠାରୁ ପ୍ରାୟ ବର୍ଷେ ପୂରିବାକୁ ବସିଲାଣି, କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ସାପ ନ ମରୁ, କି ବାଡ଼ି ନ ଭାଙ୍ଗୁ ନ୍ୟାୟରେ କୋକସରା ବି. ଇ ଓ ଙ୍କୁ ଅତିରିକ୍ତ ଦାୟିତ୍ୱ ଅର୍ପଣକରୀ ନିଶ୍ଚିନ୍ତ ହୋଇ ବସିପଡିଛନ୍ତି। ଯଦ୍ୱାରା ଭାରପ୍ରାପ୍ତ ବି. ଇ. ଓ ଦୁଇ ନାଆ ରେ ଗୋଡ଼ ଦେବା ଭଳି ନ୍ୟାୟରେ ପଡିଛନ୍ତି। ସେହିପରି ସେକ୍ସନ ଅଫିସର ଶୋଭାରାମ ଜାଲ ତା ୩୧.୫.୨୦୨୫ ଓ ବରିଷ୍ଠ ସଂସ୍ଥାପକ ବିଶ୍ୱନାଥ ପାଢ଼ୀ ୩୧.୫.୨୦୨୫ରିଖ ଦିନ ଅବସର ନେବାପରେ ତାଙ୍କ ସ୍ଥାନ ଖାଲି ପଡିଛି। ଦୁଇଜଣ ଅତିରିକ୍ତ ଏ. ବି. ଇ. ଓ ଙ୍କ ମଧ୍ୟରୁ ଜଣଙ୍କୁ ଅନ୍ୟତ୍ର ବଦଳି ହେତୁ ସ୍ଥାନ ଖାଲି ପଡିଥିବାବେଳେ, ଆଉ ଜଣେ ଏ . ବି. ଇ.ଓ ତା ୩୧.୫.୨୦୨୬ରିଖ ଦିନ ଅବସର ଗ୍ରହଣ କରିବେ। ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ଏ . ବି. ଇ. ଓ. ସୁରେନ୍ଦ୍ର ମୋହନ ଯୋଶୀ ତା ୩୧.୩.୨୦୨୬ରିଖ ଦିନ ଅବସର ନେବାପରେ ଏହିସ୍ଥାନ ମଧଖାଲି ପଡିଛି। ତେବେ ଜଣେ ବି. ଇ. ଓ, ତିନିଜଣ ଏ. ବି. ଇ. ଓ, ଦୁଇ ଜଣ ବରିଷ୍ଠ କିରାଣୀଙ୍କ ଆସନ ଖାଲି ପଡ଼ିଥିବା ବିଷୟ ଜିଲ୍ଲା ଶିକ୍ଷାଧିକାରୀଙ୍କ ଜ୍ଞାତରେ ଥିଲେ ହେଁ ପଦକ୍ଷେପ ଶୂନ ହୋଇପଡିଛି। ଚଳିତ ଶିକ୍ଷା ବର୍ଷ ଆରମ୍ଭ ହୋଇଯାଇଥିଲେ ହେଁ, ଗୁରୁ ଦାୟିତ୍ୱ ବହନ କରିଆସୁଥିବା ଜୟପାଟଣା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଏପରି ଅଚଳବସ୍ଥା ସୃଷ୍ଟି ଯୋଗୁଁ ବ୍ୟାପକ ଭାବେ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର, ଛାତ୍ରୀ ତଥା ସରକାରୀ କାର୍ଯ୍ୟରେ ବ୍ୟାପକ ଭାବେ ଏହାର ପ୍ରଭାବ ପଡିଛି। ଅନେକ ବାର ଏହାର ସୁପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଜିଲ୍ଲାଧିକାରୀଙ୍କ ସହ ଯୋଗାଯୋଗ କରିଆସୁଥିଲେ ହେଁ କୌଣସି ସୁଫଳ ମିଳି ପାରିନାହିଁ। ଏଣୁ ସରକାରଙ୍କ ଶିକ୍ଷା ବିଭାଗ ଏଥି ପ୍ରତି ସୁଦୃଷ୍ଟି ଦେବାପାଇଁ ଜୟପାଟଣା ବ୍ଲକ ଅଞ୍ଚଳ ବାସୀ ଦୃଢ଼ ଦାବୀ କରନ୍ତି।

# ଝାରସୁଗୁଡାରେ ତାଇକୋଣ୍ଡୋ ପ୍ରତିଯୋଗିତା




ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡା ଜିଲ୍ଲା ତାଇକଣ୍ଡୋ ଏକାଡେମୀ ପକ୍ଷରୁ ମାଷ୍ଟର ସୁନ୍ଦର ମଣି ପଟେଲ କୋଚ ସାଗର ରାଉତ ଓ ସୌରଭ ଭୈଁଶାଲଙ୍କ ତତ୍ତ୍ୱବଧାନରେ ଜିଲ୍ଲାର ଏଚ୍ କଟାପାଲି ,ଅର୍ନପୂର୍ଣ୍ଣା ମଣ୍ଡପ ଠାରେ ରବିବାର ସକାଳ ୭ଟାରୁ ଅପରାହ୍ନ ୪ଟା ମଧ୍ୟରେ ୪ଟି ବିଭାଗର ବିଭିନ୍ନ ବୟସ ବର୍ଗର ସବ୍ ଜୁନିୟର, ଜୁନିୟର ଓ ସିନିୟର ବାଳକ ବାଳିକା ବିଭାଗର କଲ୍ର ବେଲ୍ଟ ଓ ବ୍ଲାକବେଲ୍ଟ ତାଇକଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ୭୫ ଜଣ,ସିଲଭର ୩୭ଜଣ ଓ ବ୍ରୋଞ୍ଜପଦକ ୨୨ଜଣ ସଫଳ ପ୍ରତିଯୋଗୀ ମାନଙ୍କୁ ଉପସ୍ଥିତ ଥିବା ଅତିଥି ମାନେ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ଅତିଥି ଭାବରେ ଝାରସୁଗୁଡା ଜିଲ୍ଲା କ୍ରିଡା ଅଧିକାରୀ ଅମରିଶ କୁମାର ଆଚାର୍ଯ୍ୟ ,ଜିଲ୍ଲା କ୍ରୀଡା ସଂଘର ବିଜୟ ବେହେରା, ତାପସରାୟ ଚଉଧୁରୀ ,ବିଜୟ ବକ୍ସି, କ୍ରିକେଟ ଆସୋସିଏସନର ଅଶୋକ ପ୍ରଧାନ, ଅନିରୁଦ୍ଧ କେବଟ୍ .କୁମୁଦ ରଞ୍ଜନ , କଲେଜର ଖେଳ ଶିକ୍ଷକ ବିବେକ ପ୍ରଧାନ, ସୁଧା ଅଗସ୍ତି, ଶ୍ରୀୟା ରଞ୍ଜନ, ଆୟୁସି ମାଥୁର ପ୍ରମୁଖ ଉପସ୍ଥିତ ରହି ପ୍ରଦକ ପ୍ରଦାନ କରିଥିଲେ। ଏହି ସଫଳତା ପାଇଁ ଝାରସୁଗୁଡ଼ା ଜିଲ୍ଲା ତାଇକଣ୍ଡୋ ଆସୋସିଏସନର ସଭାପତି ପ୍ରଜ୍ୱଳ କୁମାର ପଟେଲ ଉପ-ସଭାପତି ଜୀବନ ମହାନ୍ତି ଓ ସଂପାଦକ ସୁନ୍ଦର ମଣି ପଟେଲ ବାଳକ, ବାଳିକା ମାନଙ୍କୁ ଏବଂ ଉତ୍ସାହୀ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସହିଦ୍‌ଙ୍କ ପୁଅ ୯୯.୨% ନମ୍ବର ରଖି କଳାହାଣ୍ଡି ଜିଲ୍ଲାରେ ଟପ୍ପର



ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସହରର ଯୁବ ପ୍ରତିଭା ଇତିହାସ ସୃଷ୍ଟି କରିଛନ୍ତି । ସିବିଏସ୍‌ଇ ଦଶମ ବୋର୍ଡ଼ ପରୀକ୍ଷାରେ ଧର୍ମଗଡ଼ ଏଲ୍ ନିସି ମିଶନ ସ୍କୁଲର ଛାତ୍ର ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ସାହୁ(ଦିବ୍ୟମ୍) ୯୯.୨% ନମ୍ବର ରଖି କଳାହାଣ୍ଡି ଜିଲ୍ଲାରେ ଟପ୍ପର ହେବା ସହିତ ଦକ୍ଷିଣୀ ଶୌଣ୍ଡିକ ମହାସଂଘର ଗୌରବ ବୃଦ୍ଧି କରିଛନ୍ତି। ଏନେଇ ଦକ୍ଷିଣୀ ଶୌଣ୍ଡିକ ମହାସଂଘ କଳାହାଣ୍ଡି ଓ ଟିଟିଲାଗଡ ସବଡିଭିଜନର ସଭାପତି ଥବିର ପ୍ରସାଦ ସାହୁ,ସଂପାଦକ ଗୋପାଳ ଚନ୍ଦ୍ର ସାହୁ, ଆଇନ ପରାମର୍ଶଦାତା ସଚ୍ଚିଦାନନ୍ଦ ସାହୁ, ସଦର ଆଞ୍ଚଳିକ ସଭାପତି କୁଳମଣି ସାହୁ,ଧର୍ମଗଡ ଓ ଜୁନାଗଡ ଆଞ୍ଚଳିକ କମିଟିର ସଭାପତି ବିଦ୍ୟାଧର ସାହୁ ପ୍ରମୁଖ ମେଧାବୀ ଛାତ୍ର ସ୍ୱୟଂଶୁ ସତ୍ୟପ୍ରଜ୍ଞ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥଲେ। ସ୍ୱୟାଂଶୁ ସତ୍ୟପ୍ରଜ୍ଞଙ୍କ ବାପା ଦିଲ୍ଲୀପ କୁମାର ସାହୁ ଘଟଗାଁ ଥାନା ଅଧିକାରୀ ଥିବାବେଳେ ଡକାୟତଙ୍କ ଗୁଳିରେ ସହିଦ୍ ହୋଇଥଲେ। ଶିକ୍ଷୟିତ୍ରୀ ମାଆ ସାରଦା ସାହୁଙ୍କ ସହ ପୁଅ ସ୍ୱୟଂଶୁ ଧର୍ମଗଡ଼ରେ ଅଜା ଚନ୍ଦ୍ରଧ୍ୱଜ ସାହୁ ଓ ଆଈ ପଙ୍କଜିନୀ ସାହୁଙ୍କ ପାଖରେ ରହି ଅଧ୍ୟୟନ କରୁଥିଲେ। ପିଲାବେଳୁ ବାପାଙ୍କୁ ହରାଇଥିଲେ ମଧ୍ୟ ହାରିନାହାନ୍ତି ସୟଂଶୁ। ପାଠପଢ଼ା ସହ କ୍ରୀଡ଼ା ଓ ସଙ୍ଗୀତରେ ରୁଚି ରଖୁଥିବା ସୟଂଶୁ ଭବିଷ୍ୟତରେ ସେ ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ ରଖିଛନ୍ତି ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ପ୍ରତିଭାଶାଳୀ ଛାତ୍ର ସ୍ୱୟଂଶୁଙ୍କର ଏଭଳି ସଫଳତାକୁ ନେଇ ସାରା ଜିଲ୍ଲାରେ ଖୁସି ପ୍ରକାଶ ପାଇଥିବା ବେଳେ ଏହି ସଫଳତା ପାଇଁ ଦକ୍ଷିଣୀ ଶୌଣ୍ଡିକ ମହାସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ।

## କିଡନୀ କବଳିତ ମହଗାଁରେ ପାନୀୟ ଜଳ ସଙ୍କଟ

# ଅଭିଯୋଗ ଶୁଣୁନି ପ୍ରଶାସନ, ସପ୍ତାହେ ହେଲା ଜଳ ଯୋଗାଣ ବନ୍ଦ



ସିନାପାଲି, (ସବ୍ୟୁ): ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଟାଣ ଖରା ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବା ବେଳେ ପାଣି ମୁନ୍ଦାଏ ପାଇବା ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି । ଫଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଦୂଷିତ ଜଳପାନ କରି ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇ କିଡନୀ ରୋଗରେ ପୀଡିତ ଥିବା ବେଳେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ହେଲେ ଏଭଳି ଏକ ଗାଁ ରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ପାଣି ଯୋଗାଣକୁ ପ୍ରଶାସନ ବନ୍ଦ କରି ଦେଇଥିବା ବେଳେ ଅଭିଯୋଗ କଲେ ମଧ୍ୟ ଶୁଣୁ ନ ଥିବାରୁ ଜଳ କଷ୍ଟରେ ଗ୍ରାମବାସୀ ଆଉଟୁ ପାଉଟୁ ହୋଇ ଅତିଷ୍ଠ ହୋଇ ପଡିଛନ୍ତି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଳ ଗ୍ରାମ ପଞ୍ଚାୟତ ସ୍ଥିତ ମହଗାଁରେ ଏଭଳି ଅସ୍ଥା ଲାଗି ରହିଥିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀ ତଥା ପଞ୍ଚାୟତ କର୍ତ୍ତୃପକ୍ଷ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଗାଁର ଚାରି ଆଡେ ଛୋଟ ପାହାଡ ଘେରି ରହିଥିବା ବେଳେ ଗାଁରେ ଥିବା ନଳକୂପ ଗୁଡିକରେ ଆବଶ୍ୟକ ପାଣି ବାହାରୁ ନାହିଁ। ଏପରିକି ଯେଉଁ ନଳକୂପ ରହିଛି ସେଠାରେ ଦୂଷିତ ଜଳ ବହାରୁଛି। ଫଳରେ ଲୋକେ ଏହି ଜଳ ବ୍ୟବହାର କରି ଗ୍ରାମର ଅଧିକାଂଶ ଲୋକ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି।

ଗାଁ ରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପ୍ରଶାସନ ପକ୍ଷରୁ ଗୋଡାଳ ଠାରେ ଜଳ ଯୋଗାଣ ଟେଙ୍କ ବସାଇ ସିନାପାଲି ଉଦନ୍ତୀ ନଦୀରେ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ଉଦନ୍ତୀ ନଦୀବର୍ତ୍ତୀ ଗାଁ ଗୁଡିକର ଲୋକେ ଜଳ ସଙ୍କଟ ଆଶା କରି ପ୍ରକଳ୍ପରୁ ପାଣି ଛାଡ଼ିବା ପାଇଁ ମନା କରୁଥିବା ପ୍ରକଳ୍ପରେ ନିୟୋଜିତ ଥିବା କର୍ମଚାରୀ ମାନେ ପ୍ରକାଶ କରିଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ, ଉଦନ୍ତୀ ନଦୀରେ ବିଭିନ୍ନ ଅଞ୍ଚଳକୁ ଜଳ ଯୋଗାଣ ପାଇଁ ଅନେକ ପ୍ରକଳ୍ପ ବସିଛି ହେଲେ ଗୋଡାଳ ଟ୍ୟାଙ୍କକୁ ଜଳ ଯୋଗାଣ ହେଲେ ଉଦନ୍ତୀ ନଦୀରେ ଜଳ ସମସ୍ୟା ଦେଖା ଦେବା କେତେଦୂର ଯୁକ୍ତି ଯୁକ୍ତ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। କର୍ମଚାରୀ ମାନେ କେତେବେଳେ ଚାଷ ଜମିରେ ପାଣି ପାଇଁ ମନା କରୁଥିବା କହୁଥିବା ବେଳେ କେତେବେଳେ ଉଦନ୍ତୀ ତଟବର୍ତ୍ତୀ ଲୋକେ ମନା କରୁଥିବା କହିଛନ୍ତି।ହେଲେ କେବଳ ଗୋଟିଏ ପ୍ରକଳ୍ପ ରେ ଏହି ସମସ୍ୟା ଲାଗି ରହିବା କାରଣ କଣ ହେଇପାରେ ବୋଲି ଲୋକେ କହିବା ସହ ପ୍ରଶାସନିକ ଅଧିକାରୀଙ୍କ ଅହେତୁକ ମନୋଭାବ ପୋଷଣ କରୁଛି । ଏହା ସହିତ ଆନ୍ତରିକତାର ଅଭାବ ଯୋଗୁଁ ଏଭଳି ଅବ୍ୟବସ୍ଥା ଲାଗି ରହିଥିବା ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶାସନକୁ ଘେରାଉ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏହି ପ୍ରକଳ୍ପ ବନ୍ଦ ରହିଥିବାରୁ ଗୋଡାଳ, ମହଗାଁ, କୋଟାମାଳ, ବ୍ରାହ୍ମଣପଡ଼ା ଗ୍ରାମକୁ ମଧ୍ୟ ଜଳ ଯୋଗାଣ ବନ୍ଦ ରହିଥିବାରୁ ଲୋକେ ପାନୀୟ ଜଳ ସମସ୍ୟାରେ ଘାଣ୍ଟି ହେଉଛନ୍ତି। ହେଲେ ଏ ଦିଗରେ ପ୍ରଶାସନ ସମାଧାନ ଦିଗରେ ଦୃଷ୍ଟି ନ ଦେଇ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥିବା ବେଳେ ଲୋକେ କିଭଳି ପାନୀୟ ଜଳ ସମସ୍ୟା ରେ ରହୁଛନ୍ତି ତାହା ଅନୁମାନ କଲେ ବେଶ ବୁଝା ପଡୁଛି। ସିନାପାଲିର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ପ୍ରଶାସନ ତରଫରୁ ସମାଧାନ କରିବା ଦିଗରେ କୌଣସି ପଦକ୍ଷେପ ନ ନେବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ସମସ୍ୟାକୁ ନେଇ ସ୍ଥାନୀୟ ବିଭାଗୀୟ ଯନ୍ତ୍ରୀ ଲକ୍ଷ୍ମୀ ବାଗଙ୍କୁ ପଚାରିବାରୁ ସଠିକ ଭାବରେ ସମସ୍ୟା ଜାଣି ନ ଥିବା ବେଳେ କଥା ରେ ତାଳ ମେଳ ରହୁ ନାହିଁ। କେତେବେଳେ କାର୍ଯ୍ୟ ଚାଲିଥିବା କହୁଥିବା ବେଳେ କେତେବେଳେ ସମସ୍ୟା ଉପରେ ପଚାରି ବୁଝୁଛି ବୋଲି ହାଲୁକା ଭାବରେ ଉତ୍ତର ଦେଇଥିଲେ। ତେବେ ଏହି ସମସ୍ୟାର ସମାଧାନ କରିବା ପାଇଁ ପ୍ରଶାସନ ଉଦ୍ୟମ ଆରମ୍ଭ କରିବ ନା ହାତବାନ୍ଧି ବସି ରହିବ ତାକୁ ନେଇ ଅପେକ୍ଷା କରିଛନ୍ତି ଗ୍ରାମବାସୀ।

# ଭାରତ ବିକାଶ ପରିଷଦ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ କୁଞ୍ଜେଲ ପଡ଼ା ସ୍ଥିତ ସଂସ୍କୃତି ଭବନ ଠାରେ ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖାର ନୂତନ କର୍ମକର୍ତ୍ତା ଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁକାନ୍ତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ନୂତନ ସଭାପତି ହେମନ୍ତ କୁମାର ପ୍ରଧାନ, ସମ୍ପାଦକ ସରୋଜ କୁମାର ମିଶ୍ର, କୋଷାଧ୍ୟକ୍ଷ ଭକ୍ତ ବନ୍ଧୁ ସାହୁ, ସମ୍ପର୍କ ସଂଯୋଜକ ଇଂ. ଶ୍ୟାମସୁନ୍ଦର ବିଶ୍ୱାଳ, ମହିଳା ସହଭାଗିତା ସଂଯୋଜିକା ତୃପ୍ତି ପୁରୋହିତ, ପର୍ଯ୍ୟାବରଣ ସଂଯୋଜକ କେଭି ରାଜୁ, ସେବା ସଂଯୋଜକ ଶେଷ ଦେବ ପାଣିଗ୍ରାହୀ ଓ ସଂସ୍କାର ସଂଯୋଜକ ରବିଶଙ୍କର ଲୋହିଆଙ୍କୁ କ୍ଷେତ୍ରୀୟ ଯୁଗ୍ମ ମହାସଚିବ ପ୍ରକାଶ କୁମାର ପଟ୍ଟନାୟକ ଶପଥ ପାଠ କରାଇଥିଲେ । ଡ. ନରେନ୍ଦ୍ର କୁମାର ବେହେରା ମଞ୍ଚ ସଞ୍ଚାଳନ କରିଥିଲେ । ଶେଷରେ ଭାରତୀ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଡାକ୍ତର ବିନୋଦ ନାୟକ ଓ ମକରଧ୍ୱଜ ଯୋଶୀ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ସ୍ପ୍ରିଣ୍ଟ କାର୍ଣ୍ଣିଭାଲ-୨୦୨୬

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଡା. ଝସକେତନ ସାହୁ ସନ୍ତରଣାଗାର ଠାରେ ପ୍ରଥମ ଜିଲ୍ଲାସ୍ତରୀୟ ସ୍ପ୍ରିଣ୍ଟ କାର୍ଣ୍ଣିଭାଲ - ୨୦୨୬ ଆୟୋଜିତ ହୋଇଯାଇଛି । ସଂଘର ସଭାପତି ପ୍ରେମରଞ୍ଜନ ପ୍ରଧାନ ଓ ସମ୍ପାଦକ ସୁରଜ ବାଗଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ୫୦ ମିଟର ସ୍ପ୍ରିଣ୍ଟ ସନ୍ତରଣ ପ୍ରତିଯୋଗିତାକୁ ସଂଘର ଉପଦେଷ୍ଟା ଆର୍ତ୍ତତ୍ରାଣ ମାଝୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ୧୦ ବର୍ଷରୁ କମ, ୧୧-୧୨ବର୍ଷ, ୧୩-୧୪ବର୍ଷ, ୧୫-୧୬-୧୭ବର୍ଷ ଓ ପୁରୁଷ ଓ ମହିଳା ବିଭାଗରେ ଫ୍ରି ଷ୍ଟାଇଲ, ବ୍ରେଷ୍ଟ ଷ୍ଟ୍ରୋକ, ବଟର ଫ୍ଲାଏ ଓ ବେକ ଷ୍ଟ୍ରୋକ ଷ୍ଟାଇଲରେ ବିଭିନ୍ନ ବିଭାଗରେ ୫୦ ମିଟର ସନ୍ତରଣ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ମୋଟ ୯୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ବର୍ଗରେ ଶ୍ରେୟାଂଶ ତ୍ରିପାଠୀ, ଅନୁଷ୍କା ଶର୍ମା, ଦେବେଶ ବାଗ, ଶ୍ରୀଲେଖା ମିଶ୍ର, ଯଶରଜ ଲୁହା, ଅଳିୟାନା ପଣ୍ଡା, ରୋହିତ ଦୀପ ଓ ଜ୍ୟୋତି ସଲମା ଚାମ୍ପିୟାନ ହୋଇଥିଲେ । କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ ପାଳିତ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ପର୍ଶୁରାମ ଛକ ଠାରେ ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜ ପକ୍ଷରୁ ଶ୍ରୀ ପର୍ଶୁରାମଙ୍କ ପବିତ୍ର ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ପାରମ୍ପରିକ ବୈଦିକ ରୀତିନୀତି ଅନୁସାରେ ଭଗବାନ ଶ୍ରୀ ପର୍ଶୁରାମଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ସାଗର ବିନ୍ଦୁ ମହାପାତ୍ର ଓ ଲିପିନା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର ବୈଦିକ ମନ୍ତ୍ରୋଚ୍ଚାରଣ ସହ ଧାର୍ମିକ ଆଚାର ବିଧି ସମ୍ପନ୍ନ କରିଥିଲେ । ବରଗାଁ ମହିଳା ସଂକୀର୍ତ୍ତନ ଦଳ ଦ୍ୱାରା ଭକ୍ତିମୟ କୀର୍ତ୍ତନ ପରିବେଷଣ କରାଯାଇଥିଲା । ଏଥିରେ ଦୁର୍ଗାମାଧବ ମିଶ୍ର, ମହେଶ ଶର୍ମା, ସୁରଜ ଗୁରୁ , ବେଣୁଧର ଦାଶ, ପ୍ରଫୁଲ୍ଲ ହୋତା, ରାଜେନ୍ଦ୍ର ପଣ୍ଡା, ରବିନାରାୟଣ ପଣ୍ଡା, ଦେବାଶିଷ ପୁରୋହିତ, ସୌରଭ ରଞ୍ଜନ ମହାପାତ୍ର, ଶକୁନ୍ତଳା ମହାପାତ୍ର, ମମତା ନାଥ, ନିଶିକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ୨୩ରୁ ସମ୍ବଲପୁର କବାଡି ପ୍ରିମିୟର ଲିଗ୍




ସମ୍ବଲପୁର,(ସବ୍ୟୁ): କ୍ରୀଡାର ବିକାଶ ଓ ପ୍ରତିଭାବାନ୍ ଖେଳାଳୀ ଚୟନ ଉଦ୍ଦେଶ୍ୟରେ ସମ୍ବଲପୁର କବାଡି ପ୍ରିମିୟର ଲିଗ୍ ସିଜନ୍-୩ ଆୟୋଜିତ ହେଉଛି । ସମ୍ବଲପୁର କବାଡି କ୍ଲବ ପକ୍ଷରୁ ଆସନ୍ତା ୨୩ରୁ ୨୬ ପର୍ଯ୍ୟନ୍ତ ଗଙ୍ଗାଧର ମଣ୍ଡପ ପଡିଆ ଠାରେ ଏହା ଆୟୋଜିତ ହେବ । ଏଥିରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି । ରବିବାର ହୋଟେଲ ଡଲଫିନ ଠାରେ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ସଭାପତି ସିଦ୍ଧାର୍ଥ ସାହା ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, ମ୍ୟାଚ ପୂର୍ବ ଦିନ ସମଲେଶ୍ୱରୀ ମନ୍ଦିରରୁ ଗଙ୍ଗାଧର ମଣ୍ଡପ ପଡିଆ ପର୍ଯ୍ୟନ୍ତ ଏକ ରାଲି ଆୟୋଜିତ ହେବ । ସମ୍ବଲପୁର କବାଡି ପ୍ରିମିୟର ଲିଗ୍ ସମ୍ପାଦକ ସୁଧିର ରଞ୍ଜନ ବହିଦାର କହିଥିଲେ ଯେ, ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ସମ୍ବଲପୁର ସମେତ ଅନ୍ୟ ଜିଲ୍ଲାରୁ ପ୍ରାୟ ୧୭୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିବେ । ପ୍ରତିଦଳରେ ସମ୍ବଲପୁର ଜିଲ୍ଲାର ୪ଜଣ ଓ ଅନ୍ୟ ଜିଲ୍ଲାର ସର୍ବାଧିକ ୩ଜଣ ଖେଳାଳି ଖେଳି ପାରିବେ । ଟୁର୍ଣ୍ଣାମେଣ୍ଟ ପରିଚାଳନା ପାଇଁ ସମ୍ବଲପୁର, ନୂଆପଡା ଓ ଛତିଶଗଡରୁ ଅଫିସିଆଲ ଆସୁଛନ୍ତି । ତେବେ ବିଜେତା, ଉପବିଜେତା ଓ ୩ୟ ସ୍ଥାନ ଅଧିକାର କରିଥିବା ଦଳ ଏବଂ ସର୍ବୋତ୍ତମ ରେଡର, ସର୍ବୋତ୍ତମ କ୍ୟାଚର ଓ ମ୍ୟାଚର ସର୍ବୋତ୍ତମ ଖେଳାଳିକୁ ନଗର ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯିବ । ଏହି ଅବସରରେ ଟ୍ରଫି ଓ ଖେଳାଳୀ ଜର୍ସି ଉନ୍ମୋଚନ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡା ସଂଘ କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, ରାଜା ବରାଳ ଓ ରବି ମୁଖି ପ୍ରମୁଖ ଉପସ୍ଥିତ ଥିଲେ ।

## ସମ୍ବଲପୁରରେ ମୋବାଇଲ ହ୍ୟାଣ୍ଡଓଭର ମେଳା

# ୧୧୪ଟି ମୋବାଇଲ ଫୋନ୍ ଫେରି ପାଇଲେ ପ୍ରକୃତ ମାଲିକ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ପୋଲିସ ମୁଖ୍ୟାଳୟରେ ରବିବାର 'ମୋବାଇଲ ହ୍ୟାଣ୍ଡଓଭର ମେଳା' ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜବତ ହୋଇଥିବା ୧୧୪ଟି ମୋବାଇଲ ଫୋନକୁ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି । ବହୁ ଦିନ ପରେ ହଜିଥିବା ମୋବାଇଲକୁ ଫେରି ପାଇବା ପରେ ମାଲିକ ମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ସମ୍ବଲପୁର ପୋଲିସର ଏହି ପ୍ରୟାସକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି । ଆଇପିଏସ୍ କମଳ ଗର୍ଗ, ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ଓ ଶ୍ରୀମନ୍ତ ବାରିକ ପ୍ରମୁଖ ଉପସ୍ଥିତ ରହି ମୋବାଇଲ ଗୁଡିକୁ ହସ୍ତାନ୍ତର କରିଥିଲେ । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଜରିଆରେ ବିଭିନ୍ନ ଅଞ୍ଚଳରୁ ହଜି ଯାଇଥିବା ମୋବାଇଲ ଗୁଡ଼ିକୁ ଉଦ୍ଧାର କରାଯାଇଛି । ଅଇଁଠାପାଲି ୨୫ଟି, ବୁର୍ଲା ୧୯ଟି, ଟାଉନ ୧୨ଟି, କ୍ଷେତରାଜପୁର ୯ଟି, କୁଚିଣ୍ଡା ୮ଟି, ଧନୁପାଲି ଓ ହୀରାକୁଦ ୬ଟି ଲେଖାଁଏ, ସାଇବର, ସଦର, ମହୁଲପାଲି ଓ ଶାସନ ୪ଟି ଲେଖାଁଏ, ଧମା, ଠେଲକୋଲୋଇ, ରେଙ୍ଗାଲି, ବରେଇପାଲି ଓ ଗୋବିନ୍ଦପୁର ୨ଟି ଲେଖାଁଏ, ଚାରମାଳ, ଜମନକିରା ଓ ରେଢାଖୋଲ ଥାନା ପୋଲିସ ୧ଟି ଲେଖାଁଏ ମୋବାଇଲ ଫୋନ ଉଦ୍ଧାର କରିଛି । ଅତିରିକ୍ତ ଏଏସପି ଅଜୟ କୁମାର ମିଶ୍ର ଏ ସମ୍ପର୍କରେ କହିଥିଲେ ଯେ, ଏହି ମୋବାଇଲ ଗୁଡ଼ିକ କୌଣସି ଚୋରି ମାମଲା ନୁହେଁ ବରଂ ବିଭିନ୍ନ ସମୟରେ ଲୋକଙ୍କ ଅସାବଧାନତା ଯୋଗୁଁ ହଜିଯାଇଥିଲା। ତେଣୁ ଏହି ଘଟଣାରେ କୌଣସି ବ୍ୟକ୍ତିଙ୍କୁ ଗିରଫ କରାଯାଇନାହିଁ। ସାଇବର ପୋଲିସ ଷ୍ଟେସନ ଏବଂ ବୈଷୟିକ ଟିମ୍ ସହାୟତାରେ ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ଅଭିଯୋଗକୁ ଆଧାର କରି ଏହି ସଫଳତା ମିଳିଛି । ସମ୍ବଲପୁର ଜିଲ୍ଲାର ୧୯ଟି ଥାନା ଅଧୀନରେ ଥିବା ଅଞ୍ଚଳରୁ ଏହି ଫୋନଗୁଡ଼ିକ ଉଦ୍ଧାର କରାଯାଇଛି । ଯଦି କୌଣସି ବ୍ୟକ୍ତିଙ୍କ ମୋବାଇଲ ହଜିଯାଏ, ତାହେଲେ ତୁରନ୍ତ ପୋର୍ଟାଲରେ ଅଭିଯୋଗ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ଫଳରେ ସଠିକ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

# କଲମପୁରରେ ଈଶ୍ୱରୀୟ ସଭା



କଲମପୁର,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ କଲମପୁର ଗସ୍ତରେ ଆସି ବ୍ରହ୍ମାକୁମାରୀ ବିଶ୍ୱ ବିଦ୍ୟାଳୟ ଠାରେ ଆୟୋଜିତ ଏକ ଈଶ୍ୱରୀୟ ପରିବାର ମିଳନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । କଲମପୁର ଉପସେବା କେନ୍ଦ୍ର ସଞ୍ଚାଳିକା ବି.କେ ରୋଜି ଭଉଣୀଙ୍କ ତତ୍ତ୍ୱାବଧାନରେ ବିକେ ଭାଇ ଭଉଣୀ ମାନେ ଶ୍ରୀ ପ୍ରଧାନଙ୍କୁ ସ୍ୱାଗତ କରିଥିଲେ । ସାଥିରେ ଭବାନୀପାଟଣା କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଶଶୀ ଦିଦୀ ଜୀ, ବରିଷ୍ଠ ଭ୍ରାତା ମାନସ ଭାଇ ଜୀ, ସୁବାଷ ଭାଇ ଜୀ , ଡ.ଜୟନ୍ତୀ ଦିଦୀ ପ୍ରମୁଖଙ୍କୁ ସ୍ୱାଗତ କରାଯାଇଥିଲା । କଲମପୁର ବି ଡି ଓ ବିଜୟ କୁମାର ମାଣ୍ଡାଙ୍ଗୀ, କନିଷ୍ଠ ଯନ୍ତ୍ରୀ ପିତାମ୍ବର ହେମ୍ବ୍ରମ, ସୁମନ୍ତ କୁମାର ଦଣ୍ଡପାଟ,ବରିଷ୍ଠ କିରାଣୀ ବୈକୁଣ୍ଠ ବାଗ,ସାମ୍ବାଦିକ ଶୁଭେନ୍ଦୁ ପଣ୍ଡା, ସଞ୍ଜୀବ ଠାକୁର ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ମା ଏହି ଈଶ୍ୱରୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମାନବ ଜୀବନରେ ଶ୍ରେଷ୍ଠ ଚରିତ୍ର ନିର୍ମାଣ କରିବାକୁ ହେଲେ ନିଜକୁ ସକାରାତ୍ମକ ବିଚାରରେ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଏକ ବନ୍ଧୁ ମିଳନ ସହିତ ଈଶ୍ୱରୀୟ ସଭାରେ ଦାସିଗାଁ, କଦଳିଚୁଆଁ, ବାବୁ କେନ୍ଦୁଗୁଡା, ଖୁର୍ଷାଲିଗୁଡ଼ା ପ୍ରଭୃତି ପାଠଶାଳା ମାନଙ୍କରୁ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ। ଅତିଥି ମାନଙ୍କୁ ବରିଷ୍ଠ ଭ୍ରାତା ପ୍ରେମଲାଲ ଭାଇ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜୁନାଗଡରେ ପର୍ଶୁରାମ ଜୟନ୍ତୀ ପାଳିତ

ଜୁନାଗଡ,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ ଠାରେ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା (ଅକ୍ଷୟ ତୃତୀୟା)ଦିନ ପାଳିତ ହେଉଥିବା ଭଗବାନ ପର୍ଶୁରାମଙ୍କୁ ନ୍ୟାୟ ଓ ଶକ୍ତିର ପ୍ରତୀକ ଭାବରେ ପୂଜା କରାଯାଇଥାଏ । ସକାଳୁ ବ୍ରାହ୍ମଣ ସମାଜ ଭବନ ଠାରେ ଭଗବାନ ପର୍ଶୁରାମଙ୍କ ଭବ୍ୟ ପୂଜା ଅର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ବ୍ଲକର ପ୍ରତ୍ୟେକ ପଂଚାୟତରୁ ଶହଶହ ସଂଖ୍ୟାରେ ପର୍ଶୁରାମ ସେନା ଯୋଗଦେଇ ବ୍ରାହ୍ମଣ ସମାଜ ଭବନ ଠାରୁ ଏକ ଭବ୍ୟ ଶୋଭାଯାତ୍ରା ପୁରୁଣା ବସଷ୍ଟାଣ୍ଡ, କଲମପୁର ଛକ , ନୂଆଁ ବସଷ୍ଟାଣ୍ଡ ଦେଇ ସହର ପରିକ୍ରମା କରିସାରିବା ପରେ ମାଁ ଲଙ୍କେଶ୍ୱରୀ ମନ୍ଦିର ପରିସରରେ ପହଞ୍ଚିଥିଲା । ଶଙ୍ଖ,କୀର୍ତ୍ତନ, ଘଣ୍ଟଦଳ ର ଧ୍ୱନୀ ରେ ଜୁନାଗଡ ସହର ଏକ ପ୍ରକାର ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ବ୍ରାହ୍ମଣ ସମାଜ ପକ୍ଷରୁ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । ଜୟନ୍ତୀ ସମାରୋହରେ ବ୍ରାହ୍ମଣ ସମାଜର ସଭାପତି ଶାନ୍ତନୁ ଯୋଶୀ,ପ୍ରଭାତ ଦାସ,କୁବଳେଶୟ ପାଣିଗ୍ରାହୀ,ମନୋରଞ୍ଜନ ପାଣିଗ୍ରାହୀ,ବିଜୟ ପାଢ଼ୀ,ତ୍ରିଯୋଗୀ ସାମନ୍ତରାୟ,ବିଶ୍ୱରଂଜନ ପଣ୍ଡା,ଅରୁଣ ମୁଣ୍ଡ,ଶାନ୍ତନୁ ବେହେରା,ଅନିଲ ପଣ୍ଡା, ସଞ୍ଜୀବ ପାଢ଼ୀ, ପପୁ ପଣ୍ଡା, ରାଜକିଶୋର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ଜେଏସ୍‌ଏମ୍ କଲେଜ ଅଫ ଆର୍ଟ୍ସ, ସାଇନ୍ସ ଆଣ୍ଡ କମର୍ସ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା




ବଲାଙ୍ଗୀର,(ସବ୍ୟୁ): ଜେ ଏସ୍ ଏମ୍ କଲେଜ ଅଫ୍ ଆର୍ଟ୍ସ, ସାଇନ୍ସ ଆଣ୍ଡ କମର୍ସର ଅଧ୍ୟୟନ ସାରିଥିବା ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତ ଶିକ୍ଷା ବର୍ଷରେ କଲେଜର ଯୁକ୍ତ ୩ ପାସ୍ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଲେଜ ଅଧ୍ୟୟନ ସମୟର ସ୍ମୃତି ଏବଂ ଏକ ଘରୋଇ ବାତାବରଣ ମଧ୍ୟରେ ଅଧ୍ୟାପକ ମାନଙ୍କ ଶିକ୍ଷାଦାନ ତଥା କଲେଜ ପ୍ରତି ରହିଥିବା ଆନୁଗତ୍ୟକୁ ଛାତ୍ରଛାତ୍ରୀ ମାନେ ମନେ ପକାଇଥିଲେ। ମୁଖ୍ୟ ଅତିଥି ଭାବରେ ବରଗଡ଼ର ପୂର୍ବତନ ସାଂସଦ ଡ. ପ୍ରଭାସ କୁମାର ସିଂହ ଯୋଗଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ନେଇ ଆମର ଶିକ୍ଷା ବ୍ୟବସ୍ଥା ହେବା ସହ ଶିକ୍ଷାଦାନ ବ୍ୟତିତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କେରିୟର କାଉନସେଲିଂ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ କଲେଜର ଦୀପକ ସ୍ୱାଇଁ, ଯୁଗେଶ୍ୱର ଶବର, ପଦ୍ମାଳୟା ଷଡ଼ଙ୍ଗୀ, ସନ୍ଧ୍ୟା ଶର୍ମା, ଅନ୍ୱେଷା ପୂଝାରୀ, ମନୀଷା ରାଣୀ ପୂଝରୀ, ପ୍ରାଂଶୁ ଅଗ୍ରୱାଲଙ୍କୁ ମିଷ୍ଟର ଆଣ୍ଡ ମିସେସ୍ ଜେ ଏସ ଏମ ଏୱାର୍ଡ ପ୍ରଦାନ କରାଯାଇଥିଲା। ସଭା ପ୍ରାରମ୍ଭରେ କଲେଜର ଅଧକ୍ଷା ଡ. ମନସ୍ମିତା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିା ବେଳେ ଭାଇସ ପ୍ରିନ୍ସିପାଲ ଏସ. ରାମ ଲିମ୍ବା ଅତିଥି ପରିଚୟ ପ୍ରଦାନ କରିଥିଲେ।ଛ କଲେଜର ଚେୟାରମ୍ୟାନ ସିଏ ଶ୍ରୀକାନ୍ତ ଶର୍ମାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ କଲେଜର ଉପଦେଷ୍ଟା ମନୋରଞ୍ଜନ ସାହୁ ମଂଚାସୀନ ରହି ବିଦାୟକାଳୀନ ଉତ୍ସବ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବରେ ରସରାଜ ଅଚ୍ୟୁତ ପୁରୋହିତ ମଂଚାସୀନ ରହି ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରି ଯାଇଥିବା ଶିକ୍ଷାର୍ଥୀ ମନେ ଅର୍ଜନ କରିଥିବା ଶିକ୍ଷାକୁ ପରବର୍ତ୍ତୀ ଜୀବନରେ ପ୍ରୟୋଗ କରି ନିଜକୁ ଏକ ସୁନାଗରିକ ଭାବରେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ସଭା ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ନାଚଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ କଲେଜର ଅଧକ୍ଷା କ୍ରିଷ୍ଣା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗିରରେ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ





ବଲାଙ୍ଗିର,(ସବ୍ୟୁ): ଭଗବାନ ପର୍ଶୁରାମଙ୍କ ଜୟନ୍ତି ରବିବାର ଭାରତ ବର୍ଷର ପ୍ରତି କୋଣ ଅଣୁକୋଣରେ ପାଳିତ ହେଉଛି । ଦୁଷ୍ଟଙ୍କୁ ଧରାପୃଷ୍ଠରୁ ନିପାତ ପାଇଁ ବିଷ୍ଣୁଙ୍କର ୬ଷ୍ଠ ଅବତାର ଭାବରେ ଅଜିର ଦିନରେ ଭଗବାନ ପର୍ଶୁରାମ ଜନ୍ମଗ୍ରହଣ କରିଥିଲେ । ସେହି କ୍ରମରେ ବଲାଙ୍ଗିରରେ ବ୍ରାହ୍ମଣ ମହାସଭା ଓ ପର୍ଶୁରାମ ବାହିନୀର ମିଳିତ ପ୍ରୟାସରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଭଗବାନ ପର୍ଶୁରାମଙ୍କର ଜୟନ୍ତି ପାଳନ ସହ ଏକ ସୁଦୃଶ୍ୟ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା । ସ୍ଥାନୀୟ ଆରଟିଓ ଅଫିସ ଛକରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନମନ୍ତ୍ରୀ ଅନଙ୍ଗଉଦୟ ସିଂଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ । ପର୍ଶୁରାମ ବାହିନୀର ସଭାପତି ବିଧୁଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବରେ ଶ୍ରୀ ସିଂଦେଓ,ବରେଣ୍ୟ ଅତିଥି ଭାବରେ ଦିବ୍ୟ ଜୀବନ ସଂଘର ଓଡିଶା ଅଧ୍ୟକ୍ଷ ସ୍ୱାମୀ ଶିବା ଚିଦାନନ୍ଦ ସରସ୍ୱତୀ ମହାରାଜ,ସର୍ବଭାରତୀୟ ବ୍ରାହ୍ମଣ ଫେଡେରେସନର ସଭାପତି ପ୍ରଦୀପ ଯୋଷୀ,ଉପସଭାପତି ଲୋକେନ୍ଦ୍ର ଶର୍ମା,ଅଲ ଓଡିଶା ବ୍ରାହ୍ମଣ ମହାସଭାର ସଭାପତି ମହନ୍ତ ପର୍ଶୁରାମ ଦାସମହାରାଜ,ବ୍ରହ୍ମଚାରୀ ହରିଚରଣ ଦାସମହାରାଜ,ପର୍ଶୁରାମ ବାହିନୀର ରାଜ୍ୟ ସଭାପତି ଧିରେନ୍ଦ୍ର ନନ୍ଦ,ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ,ସଦର ବ୍ଲକ ଅଧକ୍ଷା ସରିତା ବାଗ,ବଲାଙ୍ଗୀର ଜିଲ୍ଲାର ବ୍ରାହ୍ମଣ ମହାସଭାର ସଭାପତି ପ୍ରାଣବଲ୍ଲଭ ତ୍ରୀପାଠୀ,ସଂପାଦକ ନରେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ । ୧୫ ଫୁଟ ଉଚ୍ଚତାର ପ୍ରାୟ ୧୫୦୦ କେଜିର ଧାତବ ପଦାର୍ଥରେ ନିର୍ମିତ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରି ଅତିଥିଗଣ ତାଙ୍କର ମହାନକାମକୁ ସ୍ମରଣ କରିଥିଲେ ।

ମୁଖ୍ୟଅତିଥି ଶ୍ରୀ ସିଂଦେଓ ତାଙ୍କ ବକ୍ତବ୍ୟରେ ଅବତାରୀ ପୁରୁଷ ଭଗବାନ ପର୍ଶୁରାମ ଅନ୍ୟାୟରେ ଲିପ୍ତଥିବା ଶାସକଗଣଙ୍କୁ ଶସ୍ତ୍ର ଉଠାଇ ଶାସ୍ତି ଦେଇ ସତ୍ୟ ଓ ନ୍ୟାୟ ପ୍ରତିଷ୍ଠା କରିଥିଲେ ବୋଲି କହିଥିଲେ । ପୌରାଧକ୍ଷା ଲିକା ସାହୁ ତାଙ୍କ ବକ୍ତବ୍ୟରେ ଦୀର୍ଘ ୨ବର୍ଷ ହେଲା ବ୍ରାହ୍ମଣ ମହାସଭା ପକ୍ଷରୁ ରଖାଯାଇଥିବା ଦାବିକୁ ଆଜି ପୂରଣ କରାଯାଇଛି । ଭଗବାନଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତିସ୍ଥାପନ ସହିତ ଆରଟିଓ ଛକକୁ ଏଣିକି ପର୍ଶୁରାମ ଛକରେ ନାମିତ କରାଯାଇଛି ବୋଲି କହିଥିଲେ । ଆଗକୁ ଏଠାରେ ସୌନ୍ଦର୍ଯ୍ୟକରଣ କାମ ମଧ୍ୟ କରାଯିବ ବୋଲି ଶ୍ରୀମତୀ ସାହୁ କହିଥିଲେ।

# ମେଧାବୀ ଛାତ୍ର ଦିବ୍ୟରଞ୍ଜନଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଗଣ୍ଡା ସମାଜ କଲ୍ୟାଣ ପରିଷଦ ପକ୍ଷରୁ ଛାତ୍ର ଦିବ୍ୟରଞ୍ଜନ ମନ୍ଦୋଦରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପରିଷଦର ସଭାପତି ନିହାଲ ସିଂଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ଗଣ୍ଡା ସମାଜ ଉପସଭାପତି ଶିବଶଙ୍କର ପ୍ରଧାନ, ସମ୍ପାଦକ ଅମିନ ମହାନନ୍ଦ, ଉପଦେଷ୍ଟା ପୁରନ୍ଦର ସୁନା, ସୁରେଶ ବାଗ, ପିଙ୍କି ଲୁହା, ସୁନିଲ କୁମାର ହଂସା, ବ୍ୟଙ୍ଗ କବି ଗଦାଧର ନିଆଲ ଅତିଥି ଭାବେ ଯୋଗ ଦେଇ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୋକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କୃତି ଛାତ୍ର ଦିବ୍ୟରଞ୍ଜନ ମଦନାବତି ପବ୍ଲିକ ସ୍କୁଲର ଛାତ୍ର ହୋଇଥିବା ବେଳେ ଚଳିତ ସିବିଏସି ପରୀକ୍ଷାରେ ୯୯.୬%ମାର୍କ ରଖିଛନ୍ତି । ବିଷ୍ୟତ କାମନା କରିଛନ୍ତି ।

**AFFIDAVIT**

I, Shankarlal Agrawal, S/o- Late Ram Ratan Agrawal, resident of ward No.22, Modipara, Dist- Sambalpur, Pin- 768002, Odisha declare by this affidavit No.1924, dtd- 16/04/2026 that now onwards I shall be known as **SHANKAR LAL AGRAWAL** for all future purposes.

